**୬୪ ଅସହାୟଙ୍କୁ ମିଳିଲା ଭତ୍ତା**

ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ)-ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀରେ ଏକ ସଭା ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ମଧୁ ବାବୁ ଭତ୍ତା ଯୋଜନାରେ ୬୪ ଅସହାୟ ଗରିବ ବୃଦ୍ଧ, ବୃଦ୍ଧାଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସଭାରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୨୦୦ ଲୋକ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ପୁନିଆ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ମାନନୀୟ ଅତିଥି ଭାବେ ସିଆରସିସି ଭାସ୍କର ବାଡତ୍ୟା, ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରତାପ ସ୍ୱାଇଁ, ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁ ପ୍ରିୟା ରେଡ୍ଡୀଙ୍କ ସହ ୧୮ ୱାର୍ଡର ସଭ୍ୟ ସଭ୍ୟା,ଅଙ୍ଗନୱାଡ଼ି କର୍ମୀ,ଉପସ୍ଥିତ ରହିଥିଲେ। ସ୍ୱଚ୍ଛତା, ପ୍ରକଳ୍ପ କାର୍ଯ୍ୟର ତ୍ୱରାନ୍ୱିତ, ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ସଂକ୍ରାନ୍ତରେ ଆଲୋଚନା କରାଯାଇ ସହଯୋଗ ପାଇଁ ସମସ୍ତେ ଶପଥ ନେଇଥିଲେ।

# ସଚେତନତା ହିଁ ସାଇବର ଅପରାଧକୁ ରୋକିବ

ପାରଳାଖେମୁଣ୍ଡି, ୨।୧୦(ଗିରିଧାରୀ ପରିଚ୍ଛା)/ ଫୁଲବାଣୀ(ରାକେଶ କୁମାର ରାଉତ)


ଫୁଲବାଣୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଜ୍ୟରେ ସାଇବର ଅପରାଧ ବଢ଼ି ଚାଲିଛି। ସଚେତନତା ହିଁ ଏହି ଅପରାଧକୁ ରୋକିପାରିବ। ତେଣୁ ଲୋକ ସଚେତନତା ଦରକାର। ଏହାକୁ ଲକ୍ଷ୍ୟ ରଖି ରାଜ୍ୟରେ ସୋମବାରଠାରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଗଜପତି ଜିଲାରେ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନକୁ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ । ପ୍ରଥମ ଦିନରେ ଜିଲା ପୋଲିସ ପକ୍ଷରୁ ପାରଳାଖେମୁଣ୍ଡିର ଗୁଣ୍ଡିଚା ମନ୍ଦିର ପଡିଆ ନିକଟରେ ବିଭନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନଏସି, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଜନଗହଳି ପୂର୍ଣ୍ଣ ଅଂଚଳରେ ଏହି କାର୍ଯ୍ୟକ୍ରମ ଚାଲିବ। ସ୍ୱତନ୍ତ୍ର ମାସ୍କଟ ଥାଇ ଏକ ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ ବୁଲି ସମସ୍ତଙ୍କୁ ସଚେତନ କରିବ । ମୁଖ୍ୟତଃ ସାଇବର ଲୁଟେରାମାନେ ମହିଳା ଓ ବୟସ୍କଙ୍କୁ ଟାର୍ଗେଟ କରୁଥିବାରୁ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସଚେତନ କରାଯିବ। ଏହି ଅଭିଯାନରେ ଯେମିତି ଜିଲାର ସମସ୍ତ ଜନସାଧାରଣ ସାମିଲ ହେବେ ସେନେଇ ଆହ୍ୱାନ ଦେଇଛନ୍ତି ଏସପି ସ୍ୱାତୀ ଏସ. କୁମାର । ଜିଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଏବଂ ପୋଲିସ ଅଧିକାରୀମାନେ ଉପସ୍ଥିତଥିଲେ। ଏହି ଅବସରରେ ଗଜପତି ପୋଲିସ ପକ୍ଷରୁ ଏକ ସଚେତନତା ରାଲି ନଗର ପରିକ୍ରମା କରିଥିଲା।

ସେହିପରି ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ସେ କିପରି ସାଇବର ଠକେଇର ଶୀକାର ହୋଇଥିଲେ କହିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ବ୍ୟାଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ରଖିଥିବା ବ୍ୟକ୍ତିଙ୍କୁ ଅଧିକ ସଚେତନ ରହିବାକୁ କହିଥିଲେ। ଏସପି ଶୁଭେନ୍ଦୁ କୁମାର ପାତ୍ର କହିଲେ, ଡିଜିଟାଲ ଯୁଗରେ ଇଣ୍ଟରନେଟ୍‌ର ବ୍ୟବହାରକୁ କମାଇ ପାରିବା ନାହିଁ ବରଂ ସତର୍କ ରହିବା ଆବଶ୍ୟକ। ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ଅତିରିକ୍ତ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ ପାତ୍ର, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ସଚେତନତାର ବାର୍ତ୍ତା ଦେଇଥିଲେ। ସେଣ୍ଟ୍ରାଲ ବ୍ୟାଙ୍କର ଶାଖା ପରିଚାଳକ ମଧୁସ୍ମିତା ଭୋଇ ବ୍ୟାଙ୍କ ଆକାଉଣ୍ଟରୁ କିଭଳି ଟଙ୍କା ଠକି ନେଉଛନ୍ତି ସେ ବିଷୟରେ ବୁଝାଇଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲଳିତ କୁମାର ପଟ୍ଟନାୟକ କହିଥିଲେ, ଗତ ତିନି ବର୍ଷ ମଧ୍ୟରେ କନ୍ଧମାଳ ଜିଲାରେ ୮୦ ସାଇବର ଅପରାଧିକ ମାମଲା ରୁଜୁ ହୋଇଛି। ସେଥିରୁ ୧୦ଟି ମହିଳା ଓ ଶିଶୁ ଜନିତ ଏବଂ ୪୮ଟି ଅର୍ଥନୈତିକ ଜନିତ ଅପରାଧରେ ୨୨ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଲୋକେ ସଚେତନ ହେବା ଦରକାର। ତେଣୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ସାଇବର ଅପରାଧ ସଚେତନତା ରଥ ଆମ ଜିଲାର ୧୭ଟି ଥାନା ଏବଂ ୧୨ଟି ବ୍ଲକ ଅଂଚଳ ପରିଭ୍ରମଣ କରିବ । ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଓ ଜନଗହଳି ଯାଗାରେ ଭିଡିଓ ପ୍ରଦର୍ଶନ, ପ୍ରଚାର ପତ୍ରିକା ବିତରଣ, ସର୍ବସାଧାରଣ ସ୍ଥାନରେ ସଚେତନତା ସଭା ଆୟୋଜନ କରିବା, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି,/ଆଶା କର୍ମୀମାନଙ୍କ ଦ୍ୱାରା ଗ୍ରାମାଂଚଳରେ ଘରକୁ ଘର ବୁଲି ସଚେତନତା କରାଇବା, ପଥପ୍ରାନ୍ତ ସଭା ଓ ବିଭିନ୍ନ ସାଂସ୍କୃତିକ ସଭାମାନ ଆୟୋଜନ ହେବ ବୋଲି ସୁଚନା ଦେଇଥିଲେ ।

## ହକ୍ ଦାବିରେ ଶ୍ୱଶୁର ଘର ଆଗରେ ଶିଶୁ ପୁତ୍ର ସହ ମହିଳାଙ୍କ ଧାରଣା

ଆସିକା,୨।୧୦(ସୁରେନ୍ଦ୍ର ନାଥ ସାହୁ)



ଆସିକା ଏନଏସିର ତାଲୁକା ଛକ ନିକଟସ୍ଥ ବ୍ଲକ କଲୋନୀରେ ସୋମବାର ପଦ୍ମିନୀ ସ୍ୱାଇଁ ନାମ୍ନୀ ଜଣେ ମହିଳା ତାଙ୍କର ୨ ଶିଶୁ ପୁତ୍ର ସହ ନିଜର ହକ ଦାବିରେ ଶ୍ୱଶୁର ଘର ସମ୍ମୁଖରେ ଧାରଣାରେ ବସିଛନ୍ତି । ଦାବି ହାସଲ ଯାଏଁ ସେ ଧାରଣାରେ ବସିବେ ବୋଲି କହିଛନ୍ତି । ପଦ୍ମିନୀଙ୍କ କହିବା କଥା ହେଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ଗ୍ରାମର ନିରଞ୍ଜନ ପାତ୍ରଙ୍କ ଝିଅ ପଦ୍ମିନୀ ଗତ ୨୭.୧୧.୨୦୧୫ରେ ବ୍ଲକ କଲୋନୀର ମହେଶ ସ୍ୱାଇଁଙ୍କୁ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଲାଗି ତାଙ୍କୁ ରିତିମତ ନିର୍ଯାତନା ଦିଆଯାଉଥିଲା। ୬ବର୍ଷ ତଳେ ୨ୟ ପୁତ୍ର ଜନ୍ମ ଲାଗି ସେ ବାପ ଘରକୁ ଚାଲିଯାଇଥିଲେ । ଦ୍ୱିତୀୟ ପୁତ୍ର ଜନ୍ମ ପରେ ବହୁବାର ଶ୍ୱଶୁର ଘରକୁ ଆସିଥିଲେ ମଧ୍ୟ ତାଙ୍କୁ ଘରେ ରହିବା ପାଇଁ ସୁଯୋଗ ଦିଆଯାଇନଥିଲା। ଏଭଳି ପରିସ୍ଥିତିରେ ମହେଶ ଗତ ଜୁନ ମାସରେ ଅନ୍ୟଜଣେ ଝିଅ ସହ ବିବାହ କରିଥିବା ଖବର ପାଇ ପଦ୍ମିନୀ ନ୍ୟାୟ ପାଇଁ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଆସିକା ଥାନାଧିକାରୀ କହିଛନ୍ତି, ପଦ୍ମିନୀଙ୍କ ପକ୍ଷରୁ ଗତ ସେପ୍ଟେମ୍ବର ୬ ତାରିଖରେ ଅଭିଯୋଗ ପରେ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ବିରୋଧରେ ନଂ.୫୩୭/୨୩ରେ ଏକ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅପରପକ୍ଷେ ଗତ ୨୪ ତାରିଖରେ ବେଲଗୁଣ୍ଠା ଥାନା ଜିରୁଳି ଗ୍ରାମରେ ଥିବା ପିଉସୀଙ୍କ ନାବାଳିକା ଝିଅକୁ ମହେଶ ଜବରଦସ୍ତି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ମହେଶଙ୍କ ପିଉସୀଙ୍କ ଅଭିଯୋଗକ୍ରମେ ଆସିକା ପୋଲିସ ନଂ. ୫୮୩/୨୩ରେ ଏକ ମାମଲା ରୁଜୁ କରିଛି। ମହେଶଙ୍କୁ ଗିରଫ କରି ବ୍ରହ୍ମପୁର ପୋକସୋ ଅଦାଲତରେ ହାଜର କରାଯାଇଥିବା ଆସିକା ଥାନାଧିକାରୀ ସ୍ୱରୂପ କିସନ କହିଛନ୍ତି।

# ସବୁଠି ବିଜେଡିର ଜନସମ୍ପର୍କ ପଦଯାତ୍ରା


ଆସିକା


ଗୋପାଳପୁର


ଛତ୍ରପୁର


ହିଞ୍ଜିଳିକାଟୁ



କୋଦଳା


ପାରଳାଖେମୁଣ୍ଡି

ଛତ୍ରପୁର,୨।୧୦( ଦିଲ୍ଲୀପ କୁମାର ସାମଲ/ ସନ୍ତୋଷ ପାଢ଼ୀ )

ଗାନ୍ଧୀ ଜୟନ୍ତୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସବୁଠି ଆରମ୍ଭ ହୋଇଛି। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ପୋଲିସ ପଡିଆରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିପରେ ସ୍ଥାନୀୟ ଲୋୟର ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜୀ. ପାପା ରାଓ, ପୂର୍ବତନ ଏନଏସି ଅଧ୍ୟକ୍ଷା ଜୀ. ଆରତୀ, ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ରାମ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ସମସ୍ତ ଦଳୀୟ କାଉସିଲର ଏବଂ କର୍ମୀ ଏଥିରେ ଯୋଗଦେଇଥିଲେ। ୧୧ନଂୱାର୍ଡ ଭାଜପାର ପରାଜିତ କାଉନସିଲର ପ୍ରାର୍ଥୀ ସୁରଜ କୁମାର ସେଠି ବିଜେଡିରେ ଯୋଗଦେଇଥିଲେ।

**ହିଞ୍ଜିଳିକାଟୁ( ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ବ୍ଲକ ତରଫରୁ ସୋମବାର ବିଜେଡିର ପଦଯାତ୍ରା ବଇଁଚବଣିଆ ପୂର୍ତ୍ତ ଡ଼ାକବଙ୍ଗଳାଠାରୁ ଆରମ୍ଭ ହୋଇଛି। ନଗର ବିଜେଡ଼ି ସଭାପତି ଭୀମସେନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ବିଭିନ୍ନ ସାହି ପରିକ୍ରମା କରିଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ପ୍ରଧାନ , ମୁନିସିପାଲଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ ଓ ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**କୋଦଳା(ଅମିତ କୁମାର ପଟ୍ଟନାୟକ):** କୋଦଳା ଏନଏସିରେ ବିଜେଡିର ପଦଯାତ୍ରା ଆରମ୍ଭ ହୋଇଛି। କବିସୂର୍ଯ୍ୟ ନିର୍ବାଚନମଣ୍ଡଳୀର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ଥିଲେ। ଲୋକଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯୋଜନାକୁ ପହଞ୍ଚାଇବା ଏହିଯାତ୍ରାର ଉଦ୍ଦେଶ୍ୟ ବୋଲି ବିଧାୟିକା କହିଥିଲେ। କୋଦଳାର ବିଭିନ୍ନ ସାହି ପରିକ୍ରମା କରିଥିଲା ଏହି ଯାତ୍ରା। ବିଜେଡି ନେତା ରଞ୍ଜନ ପଲାଇ, ବେଗୁନିଆପଡା ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା) :** ପାରାଳାଖେମୁଣ୍ଡି ସଦର ମହକୁମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଏହି ଯାତ୍ରାର ଉଦ୍ଦେଶ୍ୟ। ଏହି ପଦଯାତ୍ରା କଲେଜ ଛକରୁ ଆରମ୍ଭ ହୋଇ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଗଜପତି ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ, ଯୁବନେତା ଇଂ. ରୂପେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ଆସିକା (ସୁରେନ୍ଦ୍ର ନାଥ ସାହୁ):** ଆସିକା ବ୍ଲକ ଦେବଭୂମି ପଞ୍ଚାୟତରେ ବିଧାୟିକା ମଂଜୁଳା ସ୍ୱାଇଁ ଓ ଏମ.ପି. ପ୍ରମିଳା ବିଷୋୟୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଆସିକା ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଦେବଭୂମି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା ହୋଇଥିଲା। ପଥପ୍ରାନ୍ତ ସଭାରେ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟ ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲା। ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଯୁବନେତା ଭଗବାନ ସାହୁ, ଜିଲ୍ଲାପରିଷଦ ସଦସ୍ୟା ତନ୍ମୟୀ ନାହାକ, ଜୟନ୍ତୀ ସାହୁ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରାଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ ସାମିଲ ଥିଲେ।

**ଶେରଗଡ(ସୂର୍ଯ୍ୟ ନାରାୟଣ ଦାଶ)** ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଶେରଗଡରେ ବିଜେଡିର ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆୟୋଜିତ ପଥପ୍ରାନ୍ତ ସଭାରେ ଶ୍ରୀ ପାତ୍ର ଅଧ୍ୟକ୍ଷତା କରି ଉକ୍ତ ପଦଯାତ୍ରାର ଲକ୍ଷ୍ୟ ସଂକ୍ରାନ୍ତରେ କହିଥିଲେ। ୮ଟି ପଞ୍ଚାୟତରେ ପଥପ୍ରାନ୍ତ ସଭା ହୋଇଥିଲା। ଶେରଗଡ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏହି ଯାତ୍ରା ହୋଇଥିଲା। ଜିଲାର ଉପସଭାପତି ତଥା ବରିଷ୍ଠ ନେତା ହୃଷୀକେଶ ପାଢୀ, ହୀନ ବେହେରା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଂଜନ ପାଣିଗ୍ରାହୀ, ପ୍ରମୋଦ କୁମାର ପାତ୍ର, ବଳରାମ ରାଉତଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ଥିଲେ।

**ଫୁଲବାଣୀ(ରାକେଶ କୁମାର ରାଉତ):** ଫୁଲବାଣୀ ନିର୍ବାଚନ ମଣ୍ଡଳୀର ୪ ବ୍ଲକ ଓ ପୌରାଞ୍ଚଳରେ ବିଜେଡି ନେତାମାନେ ଜନସମ୍ପର୍କ ପଦଯାତ୍ରା କରିଥିଲେ। ପରେ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଏବଂ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା । ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ସଭାପତି ସରୋଜ କର୍ଣ୍ଣ, ମହିଳା ସଭାନେତ୍ରୀ ପୁନମ କହଁର, ଛାତ୍ର ସଭାପତି ସୁନୀଲ ସେଠି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ଉପାଧ୍ୟକ୍ଷା ନଳିନୀ କହଁର, ଖଜୁରୀପଡା ବ୍ଲକ ଅଧ୍ୟକ୍ଷା ଅନିମା କହଁର, ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ସସ୍ମିତା କହଁର ପ୍ରମୁଖ ଉପସ୍ଥିତ ଥିଲେ।

**ଗୋପାଳପୁର,(ନବୀନ ରାଜ ଆଚାରୀ):** ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡ଼ି ଡା.ଗୋପବନ୍ଧୁ ଦାଶ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ର ଦଳେଇ, ଜିଲା ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଡେପୁଟି ମେୟର ଇ. ବିବେକ ରେଡ଼ି, ବ୍ଲକ ଅଧ୍ୟକ୍ଷା ସିଏଚ. ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଜାନକୀ ରାମ, ଜିଲାପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା ଯୋଗ ଦେଇଥିଲେ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟରେ ବିଜେଡିର ଜନସମ୍ପର୍କ ଯାତ୍ରାକୁ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ଉପାଧ୍ୟକ୍ଷା ଭାରତୀ ମହାରଣା, ଏନଏସି ଅଧ୍ୟକ୍ଷ ଇଂ ନିରଞ୍ଜନ ବେହେରା, ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ବ୍ଲକ ସଭାପତି ଗଙ୍ଗାଧର ଖୁଣ୍ଟିଆ ଉପସ୍ଥିତ ଥିଲେ।



ଫୁଲବାଣି

## ସମବାୟ ସମ୍ପାଦକଙ୍କୁ ନିଲମ୍ବନ ପାଇଁ ଚିଠି

ଦିଗପହଣ୍ଡି,୨।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କୁଶପଡା ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ ଏସ୍. ଗାନ୍ଧୀ ଦୋରାଙ୍କୁ ଚାକିରୀରୁ ତତ୍କାଳ ନିଲମ୍ବନ କରିବା ପାଇଁ ଏକ ଚିଠି ପଠାଯାଇଛି। ଚିଠି ନଂ. ୩୪୭୨ ତା- ୨୦୨୩ ସେପ୍ଟେମ୍ବର ୩୦ ତାରିଖରେ ବ୍ରହ୍ମପୁର ସମବାୟ ସମିତି ଉପ ନିବନ୍ଧକ କୁଶପଡା ପ୍ରାଥମିକ ସମବାୟ ସମିତି ସଭାପତିଙ୍କ ନିକଟକୁ ପଠାଇଥିବା ଜଣାପଡିଛି। ପ୍ରାୟ ୬ ମାସ ପୂର୍ବେ କୁଶପଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସମିତିସଭ୍ୟାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ସମ୍ପାଦକ ଏସ. ଗାନ୍ଧୀ ଦୋରା ବସି ଥିବା ନେଇ ଏକ ଫଟୋ ହସ୍ତଗତ ହୋଇଥିବା ଏବଂ ଏହାଦ୍ୱାରା ତାଙ୍କର ସ୍ତ୍ରୀ ସମିତି ସଭ୍ୟା ଥିବାରୁ ତାଙ୍କର ପ୍ରତ୍ୟକ୍ଷ ରାଜନୀତି ସହ ସମ୍ପର୍କ ଥିବା ଜଣା ପଡୁଥିବା ସମବାୟ ଉପ ନିବନ୍ଧକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏ ସମ୍ପର୍କିତ କୌଣସି ଚିଠି ତାଙ୍କ ନିକଟରେ ପହଞ୍ଚିନଥିବା କୁଶପଡ଼ା ପ୍ରାଥମିକ ସେବା ସମବାୟ ସମିତି ସଭାପତି ଡି. ସିମାଞ୍ଚଳ ଦୋରା ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍ଡରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-634/O/23-24

# ହାତୀଓଟ ନୋଡାଲ ହାଇସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୋଲସରା/ହାତୀଓଟ,୨।୧୦ (ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ)

ପୋଲସରା ବ୍ଲକ ହାତୀଓଟ ନୋଡାଲ ହାଇସ୍କୁଲଠାରେ ଗାନ୍ଧୀ ତଥା ଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ସଭାପତିତ୍ୱ କରିଥିଲେ। ବିଦ୍ୟାର୍ଥୀମାନେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନୀ ସମ୍ପର୍କରେ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ୨ ମହାମନିଷୀଙ୍କ ଆଦର୍ଶ ତଥା ଶିକ୍ଷା ବିଷୟରେ ଉଦବୋଧନ ଦେଇଥିଲେ। ଶିକ୍ଷକ ନିରାନନ୍ଦ ସାହୁ ସଭା ସଂଯୋଜନା କରିଥିବା ବେଳେ ଶୁଭକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏନ୍‌ସିସି ଶିକ୍ଷକ ନିରାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସର ଓ ନିକଟସ୍ଥ ସାହିରେ ସଫେଇ କରାଯିବା ସହ ଏକ ରାଲି ହୋଇଥିଲା। ଶିକ୍ଷକ ଶଙ୍କର ପ୍ରଧାନ, ଶୁଭକାନ୍ତ ସାହୁ, ସୀମାଞ୍ଚଳ ସାହୁ, ସମୀର କୁମାର ଦଳାଇ, ଗଣପତି ସାହୁ, ଶିକ୍ଷୟିତ୍ରୀ ସୁନୀତା ବଡ଼ଜେନା, କର୍ମଚାରୀ ଦୀପକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗାନ୍ଧୀ ନଗରରେ ସ୍ୱଚ୍ଛତା ଅଭିଯାନ

ବ୍ରହ୍ମପୁର,(ନରସିଂହ ସାହୁ): ଭାଜପା ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ୨୦ନଂ ୱାର୍ଡ ଗାନ୍ଧୀନଗର ମଣ୍ଡଳରେ ସୋମବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ହୋଇଥିଲା। ବରିଷ୍ଠ ନେତା କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ସହର ପରିବେଶ ସ୍ୱଚ୍ଛତା ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବାର ଆୟୋଜିତ କାର୍ଯ୍ୟକ୍ରମରେ ସୂଚାଇଥିଲେ। ମଣ୍ଡଳ ସଭାପତି ପ୍ରଫୁଲ୍ଲ ପଣ୍ଡା ସଂଯୋଜନା କରିଥିବା ବେଳେ କର୍ପୋରେଟର ରଂଜିତା ବେହେରାଙ୍କ ସମେତ ପାର୍ଟିର ଅନେକ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ଗାନ୍ଧୀ ନଗରର ୩ଟି ସାରଣୀରେ ଅଭିଯାନ ଚାଲିଥିଲା।

# କ୍ୟାନ୍ସର କେୟାର୍ ୟୁନିଟ ନିର୍ମାଣ କାର୍ଯ୍ୟର ସମୀକ୍ଷା

ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ଏଚବିସିଏଚ୍ଆରସି ନିର୍ଦ୍ଦେଶକ ସମୀକ୍ଷା କରୁଛନ୍ତି।

କ୍ୟାନସର୍ ପୀଡ଼ିତଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇବା ପାଇଁ ଏମ୍‌କେସିଜି ମେଡିକାଲ ପରିସରରେ ଏକ କ୍ୟାନସର୍ କେୟାର୍ ୟୁନିଟ୍ ନିର୍ମାଣ କରାଯାଉଛି। ପ୍ରାୟ ୭୬କୋଟି ଟଙ୍କା ବ୍ୟୟରେ ଏହି ହସ୍ପିଟାଲ ହେବ। ବିଶାଖାପାଟଣା ହୋମି ଭାବା କ୍ୟାନସର୍ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍(ଏଚବିସିଏଚ୍ଆରସି)ର ନିର୍ଦ୍ଦେଶକ ଡା. ଉମେଶ ମହନ୍ତସେଟ୍ଟୀ ଏହାର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି। ରବିବାର ସେ ଏମ୍‌କେସିଜିମେଡିକାଲରେ ପହଞ୍ଚିନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ। କାମ ମନ୍ଥର ଗତିରେ ଚାଲିଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଠିକ୍ ସମୟରେ କାମ ସାରିବାକୁ ସେ ଠିକା ସଂସ୍ଥାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟାଟା ମେମୋରିଆଲ୍ ସେଣ୍ଟରର ୟୁନିଟ୍ ଏଚବିସିଏଚ୍ଆରସିର ନିର୍ଦ୍ଦେଶକଙ୍କୁ ଏମକେସିଜିରେ ତିଆରି ହେଉଥିବା କ୍ୟାନସର୍ ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିବାକୁ ଅନୁରୋଧ କରାଯାଇଥିଲା। ଏଣୁ ଏଚବିସିଏଚ୍ଆରସିର ନିର୍ଦ୍ଦେଶକ ଡା. ଉମେଶ ଏମକେସିଜିରେ କ୍ୟାନସର୍ କେୟାର୍ ୟୁନିଟର ସ୍ଥିତି ସମୀକ୍ଷା କରିଛନ୍ତି। ପରେ କମ୍ୟୁନିଟି ମେଡିସିନ୍ ସେଣ୍ଟରର ବିଭାଗୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଆଲୋଚନା କରିଥିଲେ। କ୍ୟାନସର୍ କେୟାର୍ ହସ୍ପିଟାଲ୍ ପାଇଁ ଯାହା କିଛି ବୈଷୟିକ ସହାୟତା ଆବଶ୍ୟକ ପଡ଼ିବ ତାହା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

### ଏମ୍‌କେସିଜି ମେଡିକାଲ

■ମନ୍ଥର କାମକୁ ନେଇ ଏଚବିସି ଏଚ୍ଆରସି ନିର୍ଦ୍ଦେଶକ ବିରକ୍ତ

ସୂଚନାଯୋଗ୍ୟ, ଏମକେସିଜିରେ କ୍ୟାନସର୍ କେୟାର୍ ୟୁନିଟର କାମ ୨୦୨୨ ନଭେମ୍ବର ୧୪ରେ ଆରମ୍ଭ ହୋଇଥିଲା। ୨୦୨୪ ଫେବୃଆରୀ ୧୩ ତାରିଖ ସୁଦ୍ଧା ୟୁନିଟର କାମ ସମାପ୍ତ ପାଇଁ ଚୁକ୍ତି ହୋଇଛି। ବୈଠକରେ ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶଙ୍କ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ସମେତ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ବଙ୍କିମ ଚନ୍ଦ୍ର ପଣ୍ଡା, ସହକାରୀ ନିର୍ମାହୀ ଯନ୍ତ୍ରୀ ନରେନ୍ଦ୍ର ନାଥ ସି, ନିର୍ମାଣକାରୀ ସଂସ୍ଥାର ଇଂଜିନିୟର୍‌ମାନେ ଉପସ୍ଥିତ ଥିଲେ।

## ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀରାମନଗର ୨ୟ ଲାଇନର ସୁମନ ପାତ୍ର। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶ୍ରୀରାମନଗର ୪ର୍ଥ ଲାଇନର ଅଶୋକ କୁମାର ବେହେରା ଗତ ୨୫ ତାରିଖ ରାତିରେ ଜଗନ୍ନାଥ ବିହାରରେ ଭଜନ ସମାରୋହ ଦେଖି ଫେରୁଥିବା ବେଳେ ଆଦର୍ଶ ମାର୍ଗ ଛକରେ ସୁମନ ଓ ତାଙ୍କର କେତେଜଣ ସହଯୋଗୀ ପାଖକୁ ଡାକି ମରଣାନ୍ତକ ଆକ୍ରମଣ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଖରୀରେ ବୁଡ଼ି ଗୁରୁତର ଥିବା ଜଣେ ବୃଦ୍ଧାଙ୍କ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ବୋରିଗାଁର ମାଣିକ ସାହୁ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମାଣିକ ସବୁଦିନ ଭଳି ଗାଁ ନିକଟରେ ଥିବା ଗୁଡ଼ିଆ ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଗାଧୋଉଥିବା ଅନ୍ୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଶ୍ୱାସରୁଦ୍ଧ ଯୋଗୁ ମାଣିକଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସାପ କାମୁଡ଼ାରେ ଗୁରୁତର ଜଣେ ବୃଦ୍ଧାଙ୍କ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଗୌତମ ନଗର ୯ମ ସାରଣୀରେ ରହୁଥିବା ସୁଶୀଳା ଦାଶ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ୨୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁଶିଳା ସୋମବାର ଭୋରରେ ବାରିପଟେ ଫୁଲ ତୋଳୁଥିବା ବେଳେ ଏକ ସାପ କାମୁଡ଼ିଥିଲା। ସେ ଚିତ୍କାର କରିବାରୁ ଘରେ ଭିତରେ ଥିବା ଅନ୍ୟ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ନିରଞ୍ଜନ


@ କାହ୍ନା


@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ସଂକ୍ଷେପରେ

## ଦୁର୍ଘଟଣାରୁ ବର୍ତ୍ତିଲେ ୩, କଣ୍ଟେନର ଅଟକ

ଛତ୍ରପୁର,୨।୧୦(ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ଦୁର୍ଘଟଣା ରୋକିବା ପାଇଁ କଡାକାଡି ଯାଞ୍ଚ କରାଯାଉଛି। ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଥାନା ଅଧିକାରୀମାନଙ୍କୁ ବିଭିନ୍ନ ଗାଡିମୋଟର ଯାଞ୍ଚ ଓ ବେପରୁଆ, ବେପରୁଆ ଗାଡ଼ିଚାଳକଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏକ କଣ୍ଟେନର ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଛତ୍ରପୁର କଲେଜ ଛକ ନିକଟ ଜାତୀୟ ରାଜପଥରେ ଏକ ବାଇକକୁ ଧକ୍କା ଦେଇଥିଲା। ସୌଭାଗ୍ୟବଶତଃ ବାଇକ୍‌ରେ ବସିଥିବା ୩ ଜଣ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରି ଥାନାକୁ ଆଣିଛି। ଚାଳକ ଜଣଙ୍କ ମଦ୍ୟପାନ କରି ଗାଡି ଚଳାଉଥିଲେ ବି ପୋଲିସ କହିଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

ବ୍ରହ୍ମପୁର,୨।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଏନ୍ଏସ୍ଏସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ଅତିଥି, ପୂର୍ବତନ ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମିୟ କୁମାର ପରିଚ୍ଛା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଏନ୍ଏସଏସ ଅଧିକାରୀ ପ୍ରଫେସର ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପରେ ଗାନ୍ଧୀଙ୍କ ଜୀବନୀ, ଆଦର୍ଶ, ମୂଲ୍ୟବୋଧ ଉପରେ ଆଲୋକପାତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ସଂଯୋଜକ ଡଃ ରାଜେଶ ସେଠ ସଭା ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଶକ୍ତି ରଞ୍ଜନ ଦାଶ, ଡ. ଇତିଶ୍ରୀ ଗୀତା କୁମାରୀ, ଡ. ଶଙ୍କର୍ଷଣ ମଲ୍ଲିକ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସଞ୍ଜୟ ମେହେର, ଡ. ସାରଦା ପ୍ରସନ୍ନ ରାଉତ, ଡ. କିର୍ତ୍ତିମୟୀ ରାଉତରାୟ, ଡ. ସୌମେନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

# ଛଟେଇକୁ ଟିପିଏସ୍ଓଡିଏଲ କର୍ମଚାରୀଙ୍କ ବିରୋଧ


କର୍ପୋରେଶନ ଟିପିଏସଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା କର୍ମଚାରୀମାନେ।

ବ୍ରହ୍ମପୁର,୨।୧୦(ସ୍ମୃତି ରଞ୍ଜନ ମହାଲିକ)

କର୍ପୋରେଶନ ରୋଡସ୍ଥିତ ଟିପି ଏସଓଡିଏଲ କାର୍ଯ୍ୟାଳୟର ୪୦% ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଏହା ପ୍ରତିବାଦରେ ସୋମବାର କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ୨ବର୍ଷ ଧରି ଏକ ଘରୋଇ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ମଣ୍ଡଳ ଅନ୍ତର୍ଗତ ୩ଟି ଡିଭିଜନରେ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରତ ଥିଲେ। ଏମାନେ ଲାଇନ ମ୍ୟାନ ଓ ସହାୟକ ଭାବେ କାର୍ଯ୍ୟ କରି ଆସୁଥିଲେ। ଟିପିଏସଓଡିଏଲ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ହଠାତ ୪୦% କର୍ମଚାରୀଙ୍କୁ ଛଟେଇ କରାଯାଇଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ତେବେ ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ବିଭାଗରେ ବଦଳି କରାଯାଇ ଅନ୍ୟ ବିଭାଗରେ ନିଯୁକ୍ତି ଦିଆଯିବ ବୋଲି ଘରୋଇ ସଂସ୍ଥା ପକ୍ଷରୁ କୁହାଯାଇଥିବା ଜଣାପଡିଛି। କିନ୍ତୁ କର୍ମଚାରୀମାନେ ନିଜ ଜିଦରେ ଅଟଳ ରହିବା ସହ ମଙ୍ଗଳବାର ଏକ ବିରାଟ ଶୋଭାଯାତ୍ରାରେ ବାହାରି ଉକ୍ତ ଘରୋଇ ସଂସ୍ଥା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡି-୧ ଓ ବିଡି-୨ରେ କାର୍ଯ୍ୟରତ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱଚ୍ଛ ପରିବେଶ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨।୧୦(ସ୍ମୃତି ରଞ୍ଜନ ମହାଲିକ୍)

ସହର ଉପକଣ୍ଠସ୍ଥ ଘାଟି କାଳୁଆପୀଠରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସୋମବାର ସ୍ୱଚ୍ଛତା ଦିବସ ଅବସରରେ 'ସ୍ୱଚ୍ଛ ପରିବେଶ ପର୍ଯ୍ୟଟନ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜବାହିନୀ ପକ୍ଷରୁ ଉକ୍ତ ଶକ୍ତିପୀଠ ନିକଟବର୍ତ୍ତୀ ସ୍ଥାନଗୁଡିକରୁ ପ୍ଲାଷ୍ଟିକ ବୋତଲ, ଭଙ୍ଗା କାଚ, ପଲିଥିନି ସଂଗ୍ରହ କରାଯିବା ସହ ଆବର୍ଜନା କୁଣ୍ଡ ବ୍ୟବହାର ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ସୂଚନାଯୋଗ୍ୟ, ସଂଘ ପକ୍ଷରୁ ଏହି ଶକ୍ତି ପୀଠରେ ଆବର୍ଜନା କୁଣ୍ଡ ସ୍ଥାପନ କରାଯାଇଛି। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ସଫେଇ କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ପରିବେଶ ସୌନ୍ଦର୍ଯ୍ୟ ବଜାୟ ରହିବା ସହ ସ୍ଥାନୀୟ କଳା ଓ ଐତିହ୍ୟ ବିଶ୍ୱ ଦରବାରରେ ପହଞ୍ଚିପାରିବ ବୋଲି ସଂଘ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ଉପସଭାପତି ଏମ ଦିଲୀପ କୁମାର, ସମ୍ପାଦକ ଏ ପ୍ରକାଶ, ସହ ସମ୍ପାଦକ ପି ବିନୋଦଙ୍କ ସମେତ ସଂଘର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଡିଏଲ୍ଏସ୍ଏର ସଚେତନତା ଶିବିର


ଶିବିରରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ଗୋପାଳପୁରସ୍ଥିତ ସୁଭଦ୍ରା ମହତାବ ଜରା ନିବାସ ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରୁପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ ସେବା ପ୍ରାଧାକରଣ ସଚିବ ଦେବଶ୍ରୀ ସାହୁ ଏହି ଶିବିର ପରିଚାଳନା କରିଥିଲେ। ବରିଷ୍ଠ ନାଗରିକଙ୍କ ପାଖରେ ଅଭିଜ୍ଞତା ଓ ସମସ୍ୟାର ସମାଧାନ ରହିଛି। ସେମାନେ ସମାଜର ଏକ ଅମୂଲ୍ୟ ସମ୍ପଦ ଅଟେ। ସେମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ହେଉଛି ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ବରିଷ୍ଠ ନାଗରିକଙ୍କ ପ୍ରତି ଦାୟିତ୍ୱ ଏବଂ ସେମାନଙ୍କ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଟି.କେ ରେଡ୍ଡୀ, ପି.ଏଲ୍.ଏ.ପି.ୟୁ.ଏସ୍ ସଦସ୍ୟା ସବିତା ସାହୁକାର, ସୁଭଦ୍ରା ମହତାବ ଜରା ନିବାସର ମୁଖ୍ୟ ପରିଚାଳିକା ସାବିତ୍ରୀ ଦେବର୍ଷା, ଆଇନଜୀବୀ ଟି.ସୁଶାନ୍ତ, ଡାକ୍ତର ସତ୍ୟନାରାୟଣ ସାହୁଙ୍କ ସହ ଜରା ନିବାସର ସମସ୍ତ ଅନ୍ତେବାସୀ ଏବଂ ପରିଚାଳନା କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

### ଛତ୍ରପୁର, ବ୍ରହ୍ମପୁରରୁ ଗଡିଲା ରଥ

ଛତ୍ରପୁର(ଦିଲୀପ ସାମଲ)/ ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ)୨।୧୦


ଛତ୍ରପୁରରେ ରଥ ଶୁଭାରମ୍ଭ ବେଳେ ଉପସ୍ଥିତ ଜିଲାପାଳ, ଗଞ୍ଜାମ ଏସ୍‌ପି ଓ ଅନ୍ୟମାନେ।

ରାଜ୍ୟରେ ସାଇବର ଅପରାଧ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୋମବାର ସାଇବର ସୁରକ୍ଷା ସଚେତନତା ପକ୍ଷ ଆରମ୍ଭ ହୋଇଛି। ଗତ ୩୦ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଏନେଇ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ଗାନ୍ଧୀ ଜୟନ୍ତୀରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାରେ ଏହି ରଥ ବୁଲି ଲୋକଙ୍କୁ ସଚେତନ କରୁଛି। ଛତ୍ରପୁରରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଏସ୍‌ପି ଜଗମୋହନ ମିନା ସବୁଜ ପତାକା ଦେଖାଇ ରଥ ଶୁଭାରମ୍ଭ କରିଛନ୍ତି। ଏହି ରଥ ଭିଡିଓ ଓ ଅଡିଓ ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ଗଞ୍ଜାମ ଏସପି କହିଛନ୍ତି। ଏହାସହିତ ବିଭିନ୍ନ ସହର ଓ ସ୍କୁଲ, କଲେଜ ଏବଂ ଗାଁକୁ ଏହି ରଥ ବୁଲିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ, ପ୍ରୋବେଶନାଲ ଆଇଏସ ଅଫିସର ସମୀର କୁମାର ଜେନା, ଅତିରିକ୍ତ ଏସପି ତଥା ନୋଡାଲ ଅଫିସର ରଞ୍ଜିତ କୁମାର ପୃଷ୍ଟି, ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଜିଲା କ୍ରୀଡା ନିରୀକ୍ଷକ ଭାଗିରଥି ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ଏସପିସି ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ରଥ ପରିକ୍ରମା ଆରମ୍ଭ ବେଳେ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ବିଏମସି ମେୟର୍ ସଂଘମିତ୍ରା ଦଳେଇ, ଜିଲାପାଳ ପରିଡ଼ା, ଦକ୍ଷିଣାଞ୍ଚଳ ପୋଲିସ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ସାଇବର ସୁରକ୍ଷା ଏବେ ଆମପାଇଁ ନୂଆ ଆହ୍ୱାନ ବୋଲି କହିଥିଲେ। ଏସ୍‌ପି ଡା.ଶର୍ବଣା ବିବେକ୍ ଏମ୍. କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତୀ, ପୋଲିସ ଜିଲାର ସମସ୍ତ ପଦାଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ସାଇବର ସୁରକ୍ଷା ସମ୍ପର୍କିତ ୨ଟି ସଚେତନତା ଭିଡିଓ ପ୍ରଦର୍ଶିତ ହୋଇଥିଲା।



ସଫଳତା ହାସଲ କରିଥିବା ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ବ୍ରହ୍ମପୁର,୨।୧୦(ସ୍ମୃତି ରଞ୍ଜନ ମହାଲିକ)

### ଆବାକସ ଟାଲେଣ୍ଟ ହଣ୍ଟ ପରୀକ୍ଷା

ନ୍ୟାଶନାଲ ଆବାକସ ଟାଲେଣ୍ଟ ହଣ୍ଟ ପରୀକ୍ଷାରେ ବ୍ରହ୍ମପୁର ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ରାଉରକେଲା ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗତ ରବିବାର ଆବାକସ ପରୀକ୍ଷା ହୋଇଥିଲା। ଏଥିରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ୧୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୭ ଜଣ ଛାତ୍ରୀଛାତ୍ର ପ୍ରଥମ ୧୦ଟି ସ୍ଥାନରେ ରହିଛନ୍ତି। ସ୍କୁଲର ୪ର୍ଥ ଶ୍ରେଣୀର ଆକାଂକ୍ଷା ବିଶ୍ୱନାଥ, ସିତାଂଶୁ ତ୍ରିପାଠୀ, ଅମ୍ରିତା ବିଶ୍ୱାଳ, ୫ମ ଶ୍ରେଣୀର ଆଦିତ୍ୟ ପାତ୍ର, ସାହିଲ ବେହେରା, ସୁବ୍ରତ ପାତ୍ର, ନିବୃତ୍ତି ପାତ୍ର, ସ୍ନେହା ରାଣୀ ସେଠୀ, ଅସ୍ମିତା ରାଣୀ ସେଠୀ, ୬ଷ୍ଠ ଶ୍ରେଣୀର ଶ୍ରୀୟା ପାଢ଼ି, ଅଶ୍ୱିନୀ ମହାରଣା, ପି ସଞ୍ଜନା ରେଡ଼ି, ୭ମ ଶ୍ରେଣୀର ଅଂଶୁମାନ ଦାସ, ଆଦିତ୍ୟ ବିଶୋୟୀ, ବିକ୍ରମାଦିତ୍ୟ ସିଂହ ଦେଓ, ଆୟୁଷ୍ମାନ ସାହୁ ଓ ଅଭୀପ୍ସା ରାଉତ ସଫଳତା ହାସଲ କରିଥିବା ସୂଚନା ମିଳିଛି। ଏଥିସହ ବିଦ୍ୟାଳୟର ଆବାକସ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଦାସଙ୍କୁ ସର୍ବଶ୍ରେଷ୍ଠ ଟ୍ରେନର ରୂପେ ସମ୍ମାନିତ କରାଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର,୨।୧୦(ନରସିଂହ ସାହୁ)


ପଦଯାତ୍ରାରେ ବାହାରିଥିବା ବିଜେଡି ନେତା ଓ କର୍ମୀ।

ବ୍ରହ୍ମପୁରରେ ସୋମବାର ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ୧୧ ତାରିଖ ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରା ଅପରାହ୍ନରେ ବିଜୁ ପଟ୍ଟନାୟକ ପାର୍କ ନିକଟରୁ ଆରମ୍ଭ ହୋଇ ହନୁମାନ ବଜାର, ଗିରି ମାର୍କେଟ, ସାନ ଓ ବଡ଼ ବଜାର ଦେଇ ଗାନ୍ଧୀ ନଗର ଛକ ପର୍ଯ୍ୟନ୍ତ ଆସିଥିଲା। ପଦଯାତ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଡେପୁଟି ମେୟର ବିବେକ ରେଡ଼ି, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମହାନଗର ବିଜେଡି ସଭାପତି ବିଜୟ ସାମଲ, ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ, ବିଜେଡି ଜିଲା ସଂଗଠନର ଉପସଭାପତି ସଂଜିତ ପାଣିଗ୍ରାହି, ଭଗବାନ ଗନ୍ତାୟତ, ଭୀମସେନ ଦଳେଇ, ବରିଷ୍ଠ ନେତା ଟି. ଗୋପି ପ୍ରମୁଖ ସାମିଲ ହୋଇଥିଲେ। ମହିଳା ବିଜେଡି ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧକୁ ନେଇ ଗଠିତ ଜୋନ ସଭାନେତ୍ରୀ ମମତା ବିଶୋଇ, ମହାନଗର ମହିଳା ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତଙ୍କ ସମେତ ପୂର୍ବତନ ମେୟର କେ. ମାଧବୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ପଦଯାତ୍ରାରେ ଦଳର ଅନ୍ୟ ଛାମୁଆ ସଂଗଠନର ନେତ୍ରୀ ଓ ନେତା, ଯୁବ ଓ ଛାତ୍ର ସଂଗଠନ ନେତା ଓ କର୍ମୀ ସାମିଲ ହୋଇଥିଲେ।

